

## ରାଜଧାନୀରେ ଲଜ୍ଜା

# ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ

ଭୁବନେଶ୍ୱର, ୯।୩ (ସମିସ): ରାଜଧାନୀରେ ପୁଣି ଲଜ୍ଜାଜନକ ଘଟଣା ଘଟିଛି। ଜଣେ ଯୁବତୀଙ୍କୁ ହୋଟେଲକୁ ନେଇ ଦୁଷ୍କର୍ମ କରିଛି ପ୍ରେମିକ। ପଟିଆ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଙ୍ଗରୁଆ ଗାଁର ଦୁର୍ଯ୍ୟୋଧନ ଜେନା (୩୧)।

ପୁଲିସ ସୂଚନାନୁସାରେ, ବରଗଡ଼ ଜିଲ୍ଲାର ଜଣେ ଯୁବତୀ ପ୍ରାୟ ଏକ ବର୍ଷରୁ ଅଧିକ ହେବ ରାଜଧାନୀର ଏକ ବସ୍ତିରେ ରହିବା ସହ ଏକ ବେସରକାରୀ କ୍ଲିନିକରେ କାମ କରୁଥିଲେ। ସେହି ବସ୍ତିରେ ରହୁଥିବା ଦୁର୍ଯ୍ୟୋଧନ ସହ ତାଙ୍କର ପରିଚୟ ହେବାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୁର୍ଯ୍ୟୋଧନ ତାଙ୍କୁ ପ୍ରେମ ନିବେଦନ କରିବା ସହ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଗତମାସ ୬ ତାରିଖ ରାତିରେ ଯୁବତୀ ଓ ଦୁର୍ଯ୍ୟୋଧନ ମିଶି ଖଣ୍ଡଗିରି ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ଦେଖୁଥିବା ବେଳେ ଦୁର୍ଯ୍ୟୋଧନ ବିଳମ୍ବିତ ରାତିରେ ଯୁବତୀଙ୍କୁ ନେଇ ପଟିଆସ୍ଥିତ କ୍ରିଷ୍ଣା ପ୍ୟାଲେସ୍ ହୋଟେଲକୁ ନେଇ ଯାଇଥିଲା।





ସେଠାରେ ରୁମରେ ରଖି ଯୁବତୀଙ୍କ ଜୋରଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲା। ଯୁବତୀ ଜଣକ ମନା କରିଥିଲେ ମଧ୍ୟ ସେ ଶୁଣି ନ ଥିଲା। ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଏକାଧିକ ଥର ଶାରୀରିକ ସମ୍ପର୍କ ରଖିଥିଲା।

ସେଠାରୁ ଫେରିବା ପରେ ଉଭୟ ଯୋଗାଯୋଗରେ ରହିଥିଲେ। ହେଲେ ଦୁଇ ଦିନ ପରେ ହଠାତ୍ ଦୁର୍ଯ୍ୟୋଧନ ଫୋନ୍ ବନ୍ଦ କରି କେଉଁଆଡ଼େ ପଳାଇଥିଲା। ଏମିତିକି ଯୁବତୀଙ୍କ ସହ ଆଉ ଯୋଗାଯୋଗ ରଖି ନ ଥିଲା। ଯେତେବେଳେ ଦୁର୍ଯ୍ୟୋଧନ ସହ ଯୋଗାଯୋଗ ହୋଇଥିଲା, କେବେ ବିବାହ କରିବେ ବୋଲି ଯୁବତୀ ଜଣକ ପଚାରିଥିଲେ। ହେଲେ ଦୁର୍ଯ୍ୟୋଧନ ତାଙ୍କୁ ଜାତି ଆଳ ଦେଖାଇ ବିବାହ କରିବାକୁ ମନା କରି ଦେଇଥିଲା। ଯୁବତୀ ଜଣକ କୌଣସି ଉପାୟ ନପାଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ - ୨୧୮/୨୬ରେ ମାମଲା ରୁଜୁ କରିଥିଲା। ଯୁବତୀଙ୍କର ଡାକ୍ତରୀ ମାଇନା କରିବା ସହ ପ୍ରମାଣ ସଂଗ୍ରହ କରିଥିଲା। କେନ୍ଦୁଝରରେ ଚଢ଼ଉ କରି ଦୁର୍ଯ୍ୟୋଧନକୁ ଗିରଫ କରିଥିଲା। ଡାକ୍ତରୀମାଇନା କରିବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।



୫ ଦଫା ଦାବିରେ ନିଖିଳ ଉତ୍କଳ ଗ୍ରାମରକ୍ଷୀ ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା

## ନାବାଳିକାକୁ ଅପହରଣ; ଭିଣୋଇ ଗିରଫ

ଭୁବନେଶ୍ୱର, ୯।୩(ସମିସ): ପରୀକ୍ଷା ଦେବାକୁ ଆସିଥିବା ନାବାଳିକାକୁ ଅପହରଣ କରିଥିବା ଅଭିଯୋଗରେ ଭିଣୋଇକୁ ଗିରଫ କରିଛି ଖାରବେଳନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭଞ୍ଜନଗରର ସୌମ୍ୟରଞ୍ଜନ ଡାକୁଆ।

ପୁଲିସ ସୂଚନାନୁଯାୟୀ, ଘର ସହିଦନଗର ଥାନା ଅଞ୍ଚଳରେ ରହୁଥିବା ନାବାଳିକା କ୍ୟାପିଟାଲ ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ଦେଉଥିଲେ। ଗତ ୨ରେ ମାଟ୍ରିକ ପରୀକ୍ଷା ଶେଷ ଦିନରେ ସୌମ୍ୟରଞ୍ଜନ ବିଦ୍ୟାଳୟ ନିକଟରୁ ନାବାଳିକାଙ୍କୁ ଅପହରଣ କରି ନେଇ ଯାଇଥିଲା। ଏନେଇ ନାବାଳିକାର ପରିବାର ଲୋକେ ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସୋମବାର ଦିନ ଭଞ୍ଜନଗର ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର ସହ ଅଭିଯୁକ୍ତକୁ ଗିରଫ କରିଥିଲା।

## ଦୁଇ ବ୍ରାଉନ୍‌ସୁଗର ବେପାରୀ ଗିରଫ

ଭୁବନେଶ୍ୱର, ୯।୩ (ସମିସ): ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ରଙ୍ଗମାଟିଆର ସୋମନାଥ ସୂତାର (୨୬) ଓ ଡୁମୁଡୁମା ଫେଜ୍ ୪ର ଏସକେ ଅମିରୁଦ୍ଦିନ (୪୩)।



ପୁଲିସ ସୂଚନା ଅନୁଯାୟୀ, କେନାଲ ରୋଡ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ଖବରପାଇ ଲକ୍ଷ୍ମୀସାଗର ଥାନା ପୁଲିସ ଖବର ପାଇଥିଲା। ଥାନାର ସ୍ୱତନ୍ତ୍ର ଟିମ୍ କଂସେଇ ଖାନା ନିକ@ଟରେ ଚଢ଼ଉ କରି ସୋମନାଥ ଓ ଅମିରୁଦ୍ଦିନକୁ ସ୍କୁଟି ସହ ଅଟକ ରଖିଥିଲା। ଯାଞ୍ଚ ସମୟରେ ସେମାନଙ୍କ ଠାରୁ ୨୨ ଗ୍ରାମ ଓଜନର ବ୍ରାଉନସୁଗର, ଦୁଇଟି ମୋବାଇଲ ଫୋନ, ୩୮୦୦ ଟଙ୍କା ଓ ସ୍କୁଟି ଜବତ କରିଥିଲା। ସେମାନେ ଖୋର୍ଦ୍ଧାରୁ ବ୍ରାଉନସୁଗର ଆଣି ରାଜଧାନୀରେ ବିକ୍ରି କରୁଥିବା ନେଇ ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ଲକ୍ଷ୍ମୀସାଗର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି। ପୂର୍ବରୁ ସୋମନାଥ ଓ ଅମିରୁଦ୍ଦିନ ନାମରେ ଇନଫୋସିଟି ଥାନା ଓ ଖଣ୍ଡଗିରି ଥାନାରେ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ପିଲାଚୋରି ଉଦ୍ୟମ; ଝାଡ଼ଖଣ୍ଡୀ ମହିଳା କାବୁ

କଟକ, ୯।୩(ସମିସ): କଟକ ସହରର ବକ୍ସିବଜାର ଅନ୍ତର୍ଗତ ବାରପଥର ସୁନା ଧୁଆ ସାହିରେ ପିଲା ଚୋରି ଉଦ୍ୟମ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ସୋମବାର ପୂର୍ବାହ୍ନ ପ୍ରାୟ ସାଢେ ୯ ଟା ସମୟରେ ଜଣେ ୧୦ ବର୍ଷର ଶିଶୁ ନିଜ ଘର ସମ୍ମୁଖରେ ଖେଳୁଥିବା ବେଳେ ଜଣେ ଦୁର୍ବୃତ୍ତ ମହିଳା ତାଙ୍କୁ ଚକୋଲେଟ୍ ଦେଖାଇ ଲୋଭେଇବା ସହ ଜବରଦସ୍ତି ଉଠାଇ ନେବାକୁ ଚେଷ୍ଟା କରିଥିଲେ। ପିଲାଟି ନିଜକୁ ରକ୍ଷା କରିବା ପାଇଁ ମହିଳାଙ୍କ ହାତକୁ କାମୁଡ଼ି ଦେଇ ଚିତ୍କାର କରିବାରୁ ସାହି ପଡ଼ୋଶୀମାନେ ସତର୍କ ହୋଇଯାଇଥିଲେ। ଧରାପଡ଼ିବା ଭୟରେ ମହିଳା ଜଣକ ପିଲାକୁ ତଳେ କଚାଡ଼ି ଦେଇ ଦୌଡ଼ିବାକୁ ଉଦ୍ୟମ କରିଥିଲେ ହେଁ, ଉପସ୍ଥିତ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଝାଡ଼ଖଣ୍ଡ ଡୁମକା ଜିଲ୍ଲାର ଫୁଲକୁମାରୀ ଟୁଡୁ (୩୫) ବୋଲି ଚିହ୍ନଟ ହୋଇଛନ୍ତି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ ଫୁଲକୁମାରୀ ଏକ ବାହାରିଆ ବଞ୍ଜାରା ଗୋଷ୍ଠୀର ସଦସ୍ୟା, ଯେଉଁମାନେ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାରେ ପିଲା ଚୋରି ଭଳି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ବର୍ତ୍ତମାନ ଏହି ଗୋଷ୍ଠୀ କଟକ ଓ ଭୁବନେଶ୍ୱର ଭଳି ସହରାଞ୍ଚଳରେ ସକ୍ରିୟ ରହିଥିବା ସୂଚନା ମିଳିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କ ଉପରେ ପୁଲିସ ନଜର ରଖିଛି। ଏହି ଘଟଣା ପରେ ସମଗ୍ର କଟକ ସହରରେ ଅଭିଭାବକମାନଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। କଟକ ପୁଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂକୁ ଜୋରଦାର କରାଯାଇଛି।

## ଗ୍ୟାରେଜରୁ ଚୋରି କରି ୨ ଗିରଫ

ହଂସପାଳ, ୯।୩(ସମିସ): ଗ୍ୟାରେଜ ତାଲା ଭାଙ୍ଗି ଚୋରି ଅଭିଯୋଗରେ ପାହାଳ ଥାନା ପୋଲିସ ଖୋର୍ଦ୍ଧା ଜିଲ୍ଲା ଭୀମପୁରର ପ୍ରଶାନ୍ତ ଭୋଇ(୩୮), ଜଗନ୍ନାଥପୁର ପଞ୍ଚାୟତ ଯୋହଳ ଗ୍ରାମର ଅକ୍ଷୟ ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ରବିବାର ରାତି ପ୍ରାୟ ଗୋଟାଏରୁ ୩ଟା ମଧ୍ୟରେ ରବିବାର ହେତୁ ଗ୍ୟାରେଜ ବନ୍ଦ ଥିବା ସୁଯୋଗ ନେଇ ଅକ୍ଷୟ ଭୋଇ, ପ୍ରଶାନ୍ତ ଭୋଇ ଏବଂ ଗୁରୁ ଭୋଇ ଓମଫେଡ୍ ଛକ ନିକଟରେ ଅବସ୍ଥିତ ବଟେଶ୍ୱରଙ୍କ ମୋଟର ଗ୍ୟାରେଜର କ୍ୟାବିନର ତାଲା ଭାଙ୍ଗିଥିଲେ। ଭିତରେ ଥିବା ଏକ ଟିପର୍ ଗାଡ଼ିରୁ ଜିଆଇ ପାଇପ୍, ଲୁହା ପାଇପ୍, ଚକ ରେଞ୍ଚ, ବିଭିନ୍ନ ମୋଟର ପାର୍ଟସ୍ ଏବଂ ଏକ ବ୍ୟାଟେରୀ ସମେତ ଅନେକ ମୋଟର ଓ ଲୁହା ସାମଗ୍ରୀ ଚୋରି କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇବା ପରେ ବଟେଶ୍ୱର ଏବଂ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ଅକ୍ଷୟ ଓ ପ୍ରଶାନ୍ତଙ୍କୁ କାବୁ କରିଥିଲେ। ଏହି ସମୟରେ ଅନ୍ୟ ସହଯୋଗୀ ଅଭିଯୁକ୍ତ ଗୁରୁ ଭୋଇ ଘଟଣାସ୍ଥଳରୁ ପଳାଇବାରେ ସଫଳ ହୋଇଥିଲେ। ପରବର୍ତ୍ତୀ ସମୟରେ ପିସିଆରକୁ ସୂଚନା ଦିଆଯାଇଥିଲା ଏବଂ ଦୁଇଜଣ ଅଭିଯୁକ୍ତଙ୍କୁ ଏକ ଟ୍ରଲିରେ ଲୋଡ୍ ହୋଇଥିବା ଚୋରି ସାମଗ୍ରୀ ସହିତ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପଚରାଉଚରା ସମୟରେ ଅଭିଯୁକ୍ତମାନେ ଚୋରି ଘଟଣାରେ ସେମାନଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ। ସେମାନଙ୍କ ହେପାଜତରୁ ଗୋଟିଏ ଜିଆଇ ପାଇପ୍, ଦୁଇଟି ଲୁହା ପାଇପ୍, ଗୋଟିଏ ଚକ ରେଞ୍ଚ, ଗୋଟିଏ ସାଇଲେନ୍ସର ବେସ୍, ଗୋଟିଏ ସେଟ୍ ଫିଙ୍ଗର କିଟ୍, ଛଅଟି ଲୁହା ଆଙ୍ଗଲ୍ ଏବଂ ଆଠଟି ଲୁହା କଟ୍ ଖଣ୍ଡ ସହିତ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରାଯାଇ ଜବତ କରାଯାଇଛି।



## ନ୍ୟାୟ ସଂହିତା ପ୍ରଦର୍ଶନୀ

# ଭୁବନେଶ୍ୱରରୁ କଟକକୁ ଉଡ଼ିଲେ ବାର୍ତ୍ତାବାହୀ ପାରା

ଭୁବନେଶ୍ୱର, ୯।୩ (ସମିସ): ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ 'ନ୍ୟାୟ ସଂହିତା ପ୍ରଦର୍ଶନୀ'ରେ ବିଶ୍ୱର ଏକମାତ୍ର କାର୍ଯ୍ୟକ୍ଷମ ଓଡ଼ିଶା ପୋଲିସ କପୋତ ସେବାର ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଦୁଇଟି ଦଳରେ ୧୮ଟି ବେଲଜିୟମ ହୋମର ପାରାଙ୍କୁ ପଠାଯାଇଛି। ଏହି ପାରାମାନେ ନିଜ ଗୋଡ଼ରେ ବନ୍ଧାଯାଇଥିବା ଛୋଟ କ୍ୟାପସୁଲ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ନେଇ ଆକାଶ ମାର୍ଗରେ ଗତି କରି ପୁରାତନ 'ପିଜନ

### ଆଧୁନିକ ଦୁନିଆରେ ପୁରାତନ ପରମ୍ପରାର ଝଲକ

ପୋଷ୍ଟ'ର ସ୍ମୃତିଚାରଣ କରିଛନ୍ତି। ଏହି ବେଲଜିୟମ ହୋମର ପାରାମାନଙ୍କର ଶାରୀରିକ ଗଠନ ସ୍ୱତନ୍ତ୍ର। ସେମାନଙ୍କ ଥଣ୍ଟରେ ଥିବା ଏକ ପ୍ରାକୃତିକ ଲୌହ ସଂରଚନା ଥାଏ। ଯାହା ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଚିହ୍ନଟ କରିବାରେ ସାହାଯ୍ୟ କରିଥାଏ ଏବଂ ପ୍ରାକୃତିକ ଦିଗବାରେଣୀ ଯନ୍ତ୍ର ଭଳି କାମ କରେ। ଏହିଭଳି ସ୍ୱତନ୍ତ୍ର ଶାରୀରିକ ଗଠନ କାରଣରୁ ପାରାମାନେ ମାଇଲ ମାଇଲ ଦୂରରୁ ମଧ୍ୟ ସେମାନଙ୍କ ଲକ୍ଷ୍ୟସ୍ଥଳ ସଠିକ ଭାବେ ଖୋଜି ପାଇଥାନ୍ତି।

ଓଡ଼ିଶା ପୋଲିସ ଏହି ପରମ୍ପରାକୁ ୧୯୪୬ ମସିହାରେ ଆରମ୍ଭ କରାଯାଇଥିଲା। ଆମେରିକୀୟ ସେନାଙ୍କ ଠାରୁ ୨୦୦ଟି ପାରା ଗ୍ରହଣ କରି ଆରମ୍ଭ କରିଥିଲେ। ପ୍ରଥମେ କୋରାପୁଟ ଜିଲ୍ଲାର ପାର୍ବତ୍ୟାଞ୍ଚଳରେ ପରୀକ୍ଷାମୂଳକ ଭାବେ ଏହି ଯୋଗାଯୋଗ ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ





ସମୟରେ ୭୦୦ରୁ ଅଧିକ ପାରାଙ୍କୁ ନେଇ ଏକ ବଡ଼ ନେଟୱର୍କରେ ପରିଣତ ହୋଇଥିଲା। ୧୯୮୨ର ବାଙ୍କୀ ବନ୍ୟା ଏବଂ ୧୯୯୯ର ମହାବାତ୍ୟା ସମୟରେ ଯେତେବେଳେ ଆଧୁନିକ ରେଡିଓ ଓ ଟେଲିଫୋନ୍ ସେବା ବିଚ୍ଛିନ୍ନ ହୋଇଯାଇଥିଲା, ସେତେବେଳେ ଏହି 'ପାରା ଡାକ' ହିଁ ବାହ୍ୟ ଜଗତ ସହ ଯୋଗାଯୋଗର ଏକମାତ୍ର ମାଧ୍ୟମ ସାଜିଥିଲା

ପ୍ରଦର୍ଶନୀରୁ ଜଣାଯାଇଛି ଯେ, ୧୯୪୮ ମସିହା ଏପ୍ରିଲରେ ପଣ୍ଡିତ ଜବାହରଲାଲ ନେହରୁ ସମ୍ବଲପୁରରୁ କଟକକୁ ଏକ ଚିଠି ପଠାଇଥିଲେ। ନେହେରୁଙ୍କ କାର୍ କଟକ ପହଞ୍ଚିବାକୁ ୭ ଘଣ୍ଟା ଲାଗିଥିବା ବେଳେ ଏହି ଡେଣାଧାରୀ ଦୂତ ମାତ୍ର ୫ ଘଣ୍ଟାରେ ବାର୍ତ୍ତା ପହଞ୍ଚାଇ ଦେଇଥିଲେ। ଏହି ପାରାମାନେ ଘଣ୍ଟାପ୍ରତି ପ୍ରାୟ ୫୫ କିଲୋମିଟର ବେଗରେ ଉଡ଼ିପାରନ୍ତି। ଆଜିର ଇ-ମେଲ୍ ଯୁଗରେ ମଧ୍ୟ ଓଡ଼ିଶା ସରକାର ଏହି ୭୦ ବର୍ଷର ପରମ୍ପରାକୁ ଏକ ମଧୁର ପୁରାତନ ସ୍ମୃତି ଭାବେ ବଞ୍ଚାଇ ରଖିଛନ୍ତି। ବର୍ତ୍ତମାନ କଟକ ଏବଂ ଅନୁଗୋଳ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରରେ ଏହି ପାରାମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ଷ୍ଟାଟିକ (ଏକମୁଖୀ), ବୁମେରାଙ୍ଗ (ଦୁଇମୁଖୀ) ଏବଂ ମୋବାଇଲ୍ ସେବା ଭଳି ତିନୋଟି ଶ୍ରେଣୀରେ ଏହି ସେବା କାର୍ଯ୍ୟ କରୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାହସିକତା ପାଇଁ ପଦକ ପାଇଥିବା ୩୨ଟି ପାରା ଏବଂ ଓଡ଼ିଶାର ବିପତ୍ତି ସମୟରେ ସହାୟକ ହୋଇଥିବା ହଜାର ହଜାର ପାରାଙ୍କ ପ୍ରତି ଏହା ଓଡ଼ିଶା ପୋଲିସ ତରଫରୁ ଏକ ଶ୍ରଦ୍ଧାଞ୍ଜଳି।

## ରନ୍ଧନଗ୍ୟାସ୍ ବୃଦ୍ଧିକୁ ନେଇ ଉପଭୋକ୍ତା ମହାସଂଘ ପକ୍ଷରୁ ପ୍ରତିବାଦ

ଭୁବନେଶ୍ୱର, ୯।୩(ସମିସ): ରନ୍ଧନଗ୍ୟାସ ସିଲିଣ୍ଡର ପିଛା କେନ୍ଦ୍ର ସରକାର ୬୦ ଟଙ୍କା ବୃଦ୍ଧି କରିବାରୁ ଓଡ଼ିଶା ରନ୍ଧନ ଗ୍ୟାସ ଉପଭୋକ୍ତା ମହାସଂଘ ତୀବ୍ର ବିରୋଧ କରିଛି। ଉପଭୋକ୍ତା ସଂଘର ସଭାପତି ଦିଗମ୍ବର ଜେନା କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି କହିଛନ୍ତି, ଗତ ୧୧ ମାସ ତଳେ ସରକାର ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଥିଲେ। ବଡ଼ ଦୁଃଖର ବିଷୟ ଯୁଦ୍ଧ ପାଇଁ ଏଭଳି

ଅହେତୁକ ଭାବେ ଗ୍ୟାସ ଦର ବୃଦ୍ଧି କରିବା ଯଥାର୍ଥ ନୁହେଁ। ଗ୍ୟାସ୍ ଡିଲରମାନେ କୃତ୍ରିମ ଅଭାବ ଘଟାଇ ୪ଦିନ ହେବ ଉପଭୋକ୍ତାମାନଙ୍କୁ ଫେରାଇ ଅଧିକ ଚଢ଼ା ଦରରେ କଳାବଜାରୀ କରୁଛନ୍ତି। ସରକାର ତୁରନ୍ତ ଯୋଗାଣ ବିଭାଗ ଦ୍ୱାରା ତତ୍ପର ହୋଇ କଳା ବଜାରୀମାନଙ୍କୁ ରୋକିବାର ବ୍ୟବସ୍ଥା କରନ୍ତୁ। ଭାରତର ସର୍ବବୃହତ୍ ଯୋଗାଣକାରୀ କତାର ଏହାର ଏଲ୍.ଏନ୍.ଏଚ୍.ଜି. ପ୍ଲାଣ୍ଟରେ ଉତ୍ପାଦନ ବନ୍ଦ ହୋଇଛି। ଭାରତ ଏହାର ଆବଶ୍ୟକତା ୪୦% ବାର୍ଷିକ ୨୭ ନିୟୁତ ଟନ୍ ବଜାରରୁ ଆମଦାନୀ କରେ। ବର୍ତ୍ତମାନ ତାହା ବନ୍ଦ ହେବାଦ୍ୱାରା କୃତ୍ରିମ ଅଭାବ ଦେଖାଦେଇଛି। ବିଦ୍ୟୁତ୍ କମ୍ପାନୀମାନେ ମନଇଚ୍ଛା ବିଦ୍ୟୁତ୍ ଶୁଳ୍କ ବଢ଼ାଇବାରେ ଲାଗିଛନ୍ତି। ଜନସାଧାରଣ କି ପ୍ରକାରରେ ଜାଳେଣୀ ଇନ୍ଧନ ବ୍ୟବସ୍ଥା କରିବେ, ତାହା ବଡ଼ ଦୁଃଖର ବିଷୟ। ସରକାର ଯଦି ସତର୍କତା ଅବଲମ୍ବନ ନ କରନ୍ତି ଆଗକୁ ପରିସ୍ଥିତି ଜଟିଳ ଆକାର ଧାରଣ କରିବ। କଳାବଜାରକୁ ତୁରନ୍ତ ରୋକିବା ବ୍ୟବସ୍ଥା କରିବା ନିମନ୍ତେ ରନ୍ଧନ ଗ୍ୟାସ ଉପଭୋକ୍ତା ମହାସଂଘ ଦାବି କରିଛି।

### ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ

## ରେଳଷ୍ଟେସନରୁ ଧରାପଡ଼ିଲେ ୩ ଗଞ୍ଜେଇ ବେପାରୀ

ଭୁବନେଶ୍ୱର, ୯।୩ (ସମିସ): ଓଡ଼ିଶାରୁ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ଭୁବନେଶ୍ୱର ସରକାରୀ ରେଳବାଇ ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଆଠଗଡ଼ ଥାନା ଉପର ସାହିର ଦିଲ୍ଲୀପ ତ୍ରିପାଠୀ (୪୭), ପଶ୍ଚିମବଙ୍ଗ ବୋଲପୁର ଥାନା ସିଙ୍ଗି ଗାଁର ଶେଖ୍ ମୁସ୍ତାକିନ୍ (୨୪) ଓ ସନସତ୍ ଅଞ୍ଚଳର ଶେଖ୍ ରାଜୀବ (୩୩)। ପୁଲିସ ସୂଚନାନୁଯାୟୀ, ଭୁବନେଶ୍ୱର ରେଳଷ୍ଟେସନ ଦେଇ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଖବର ମିଳିଥିଲା। ଆରପିଏଫ୍ ଓ ଜିଆରପି ପକ୍ଷରୁ ମିଳିତ ଭାବେ ପ୍ଲାଟଫର୍ମରେ ଚଢ଼ଉ କରାଯାଇଥିଲା। ସେଠାରେ ପୁଲିସ ୩ ଜଣଙ୍କୁ ଅଟକ ରଖିଥିଲା। ଯାଞ୍ଚ ସମୟରେ ସେମାନଙ୍କ ଠାରୁ ୨୫ କିଲୋ ୨୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ ହୋଇଥିଲା। ଅଭିଯୁକ୍ତମାନେ କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ସଂଗ୍ରହ କରି ଆଣି ପଶ୍ଚିମବଙ୍ଗକୁ ଚାଲାଣ କରୁଥିଲେ ବୋଲି ସ୍ୱୀକାର କରିଥିଲେ। ଏନେଇ ଜିଆରପି ପକ୍ଷରୁ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ଅଟକ ରଖି ଅଧିକ ତଥ୍ୟ ସଂଗ୍ରହ କରାଯାଉଛି। ଆସନ୍ତାକାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

**ଗିରଫଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଦୁଇ**

## କଫ୍ ସିରପ୍ କବଳରେ ଯୁବପିଢ଼ି

# କମ୍ ପଇସା; ହାଲୁକା ନିଶା

ଭୁବନେଶ୍ୱର, ୯।୩ (ସମିସ): ଶସ୍ତା ନିଶା ମାୟାରେ ଟୁଇନସିଟିର ନିଶାଡ଼ି। ଗଞ୍ଜେଇ ଓ ବ୍ରାଉନସୁଗରକୁ ପରେ ଏବେ କଫ୍ ସିରପ୍ ନିଶାରେ ମତୁଆଲା ହେଉଛନ୍ତି ଯୁବପିଢ଼ି। ବେଆଇନ କଫ୍ ସିରପ୍ ଚୋରା ଚାଲାଣରେ ପଶ୍ଚିମ ଓଡ଼ିଶା ହଟସ୍ପଟ ପାଲଟିଥିବା ବେଳେ ଦ୍ୱୈତନଗରୀ ଏଥିରୁ ବାଦ୍ ପଡ଼ିନାହିଁ। ବିପୁଳ ପରିମାଣର ବେଆଇନ କଫ୍ ସିରପ ଜବତ ହେଉଥିଲେ ମଧ୍ୟ ଏଥିରେ ସମ୍ପୂର୍ଣ୍ଣ ଭାବେ ରୋକ୍ ଲାଗି ପାରିନାହିଁ। କଫ୍ ସିରପ୍ ନିଶା ବର୍ଷ ବର୍ଷ ଧରି ଯୁବପିଢ଼ିଙ୍କୁ କାବୁ କରି ରଖିଛି। ପୁଲିସ ବେଳେବେଳେ ଚଢ଼ଉ କରୁଥିବା ବେଳେ ଭେଷଜ ନିର୍ଦ୍ଦେଶାଳୟ ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବାରୁ ଏହି ବେଆଇନ କାରବାର ବଢ଼ିବାରେ ଲାଗିଛି।

କାଶ ରୋକିବାକୁ ନିର୍ଦ୍ଦିଷ୍ଟ ମାତ୍ରାର କଫ୍ ସିରପ୍ ପିଇବା ଲାଗି ଡାକ୍ତର ପରାମର୍ଶ ଦେଇଥାନ୍ତି। ନିର୍ଦ୍ଦିଷ୍ଟ ମାତ୍ରା ଠାରୁ ଅଧିକ ସେବନ କଲେ ଏହା ନିଶା ଭାବେ ପରିଗଣିତ ହୋଇଥାଏ। କଫ ସିରପ୍‌ରେ ମଦ ଭଳି ଗନ୍ଧ ନଥିବାରୁ ଅନେକ ଲୋକ ମଦର ବିକଳ୍ପ ନିଶା ଭାବେ କୋଡିନଯୁକ୍ତ କଫ୍ ସିରପକୁ ବ୍ୟବହାର କରୁଛନ୍ତି। ସହଜ ଓ ଶସ୍ତାରେ ମିଳୁଥିବାରୁ ଯୁବପିଢ଼ି ଏହାକୁ ଅଧିକ ପସନ୍ଦ କରୁଛନ୍ତି। ନାମୀଦାମୀ କମ୍ପାନୀର କଫ୍ ସିରପ୍ ବେଆଇନ ଭାବେ ବର୍ଷ ବର୍ଷ ଧରି ଚାଲାଣ ଚାଲିଛି। ଅନେକ ସମୟରେ ଗିରଫଦାରୀ ହେଉଥିଲେ ମଧ୍ୟ ହାତଗଣତି ମାମଲାରେ କମ୍ପାନୀର ଆକାଉଣ୍ଟ ଫ୍ରିଜ୍ କରାଯାଉଥିବା ଘଟଣା ନଜରକୁ ଆସୁଛି।



- ସହଜରେ ମିଳୁଛି, ମଦର ବିକଳ୍ପ ସାଜିଛି
- ବର୍ଷକରେ ବଢ଼ିଛି ହଜାରେ ପ୍ରତିଶତ

କମିସନରେଟ ପୁଲିସ ଦେଇଥିବା ତଥ୍ୟ ଅନୁସାରେ, ୨୦୨୩ ମସିହାରେ ମାତ୍ର ୫୯୬ ବୋତଲ କଫ୍ ସିରପ୍ ଜବତ ହୋଇଥିଲା। ୨୦୨୪ରେ ଏହି ଜବତ ପରିମାଣ ୧୬୯ ଲିଟର ଅତିକ୍ରମ କରିଥିଲା। ଆଉ ଏହାର ପରବର୍ଷ ଅର୍ଥାତ୍ ୨୦୨୫ ମସିହାରେ ୧୮୬୬ ଲିଟର କଫ୍ ସିରପ୍ ଜବତ ହୋଇଛି। ୨୦୨୪ ଓ ୨୦୨୫ ମସିହାର ତଥ୍ୟକୁ ତୁଳନା କଲେ ସାଂଘାତିକ କଥା ପଦାକୁ ଆସିଛି। ବର୍ଷକ ମଧ୍ୟରେ ଜବତ ପରିମାଣ ହଜାରେ ପ୍ରତିଶତ ବଢ଼ିଛି। ଯୁବପିଢ଼ିମାନେ କଫ୍ ସିରପ୍ ଭଳି ନିଶାରେ କେତେ ମସଗୁଲ, ତାହା ଜବତ ପରିମାଣରୁ ହିଁ ସ୍ପଷ୍ଟ ହୋଇଛି। ତେବେ ବେଆଇନ କୋଡିନ୍ ଯୁକ୍ତ କଫ୍ ସିରପ୍ ଜବତ ହେବା ନୂଆ ଘଟଣା ନୁହେଁ। ବହୁ ବର୍ଷ ହେବ ଏହି ବେଆଇନ କଫ୍ ସିରପ୍ ରାଜୁତି କରୁଛି। କଫ୍ ସିରପର ବିକ୍ରି ସମ୍ପର୍କିତ ଆଗୁଆ ଗୁଇନ୍ଦା ସୂଚନା ପାଇବା ଓ ନିୟମିତ ଯାଞ୍ଚ ହେଉନଥିବାରୁ, ଏହି ନିଶା ବିକ୍ରି ଓ ସେବନ ଦିନକୁ ଦିନ ବୃଦ୍ଧି ପାଉଛି।

ହିମାଚଳପ୍ରଦେଶ, ସିକ୍କିମ ଓ ଉତ୍ତରାଖଣ୍ଡରେ କଫ୍ ସିରପ୍ ପ୍ରସ୍ତୁତି ହେଉଛି। ସେଠାରୁ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡକୁ ଚୋରା ଚାଲାଣ ହେଉଛି କୋଲକାତା ଓ ରାୟପୁର ବାଟ ଦେଇ କଫ୍ ସିରପ୍ ଓଡ଼ିଶାରେ ପ୍ରବେଶ କରୁଛି। ଗୋଟିଏ ସ୍ଥାନ ପାଇଁ ନକଲି ବିଲ୍ ପ୍ରସ୍ତୁତ କରାଯାଇ ଅନ୍ୟ ସ୍ଥାନକୁ ଚାଲାଣ ହେଉଛି। ଫଳରେ ସହଜରେ ଏହାକୁ ଟ୍ରେସ୍ କରି ହେଉନାହିଁ। ଓଡ଼ିଶାକୁ ଆସୁଥିବା କଫ୍ ସିରପ୍ ସମ୍ପର୍କରେ କାହାରିକୁ ଅଛପା ନ ଥିବା ବେଳେ, ଏହାକୁ ରୋକିବାରେ ସଫଳତା ମିଳିପାରିନାହିଁ।







# ମହିଳା ଭେଣ୍ଡିଂଜୋନ୍‌ରେ ନିଶାଡ଼ିଙ୍କ ଆଡ୍ଡା

ଭୁବନେଶ୍ୱର, ୯।୩(ସମିସ): ମହିଳାମାନଙ୍କୁ ରୋଜଗାରକ୍ଷମ କରାଇ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ତିଆରି ହୋଇଥିଲା ରାଜ୍ୟର ପ୍ରଥମ ମହିଳା ଭେଣ୍ଡିଂ ଜୋନ୍। ମହିଳାମାନଙ୍କୁ ବ୍ୟବସାୟିକ କ୍ଷେତ୍ରରେ ଶସକ୍ତ କରିବା ସହ ଆତ୍ମନିର୍ଭର କରାଇବା ଲକ୍ଷ୍ୟରେ ଖଣ୍ଡଗିରିସ୍ଥିତ କସ୍‌ମୋପଲିସ୍ ନିକଟରେ ନିର୍ମିତ ଏହି ଭେଣ୍ଡିଂ ଜୋନ୍ ଏବେ ପାଲଟିଛି ନିଶାଡ଼ିଙ୍କ ପେଣ୍ଠସ୍ଥଳୀ। କାରଣ ସନ୍ଧ୍ୟା ହେଲେ ଏଠାରେ ଅସାମାଜିକ ବ୍ୟକ୍ତିମାନେ ଏକାଠି ହୋଇ ନିଶାଦ୍ରବ୍ୟ ସେବନ କରିବା ସହ ଅନ୍ୟମାନଙ୍କୁ ଦୁର୍ବ୍ୟବହାର କରୁଥିବାରୁ ଭୟରେ ବ୍ୟବସାୟୀମାନେ




- ମଦୁଆଙ୍କ ଭୟରେ ଦୋକାନ ଖୋଲୁନାହାନ୍ତି ବ୍ୟବସାୟୀ
- ମାସକୁ ଗଣୁଛନ୍ତି ଭଡ଼ା ଖର୍ଚ୍ଚ
- ବାରମ୍ବାର ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ଦୋକାନ ଖୋଲୁ ନଥିବା ଅଭିଯୋଗ ହୋଇଛି। ତେବେ ଦୋକାନ ବନ୍ଦ ରହୁଥିଲେ ବି ଦୋକାନ ଭଡ଼ା ବାବଦକୁ ମାସିକ ଟଙ୍କା ଦେବାକୁ ବାଧ ହେଉଛନ୍ତି ବ୍ୟବସାୟୀ। ଫଳରେ ସେମାନଙ୍କୁ କ୍ଷତି ସହିବାକୁ ପଡୁଥିବାରୁ ନିୟମିତ ଏହି ସ୍ଥାନରେ ଆଡ୍ଡା ଜମାଉଥିବା ଅସାମାଜିକ ବ୍ୟକ୍ତିଙ୍କୁ ବାରଣ କରିବାକୁ ବିଏମ୍‌ସି ଠାରୁ ପୁଲିସ ଷ୍ଟେସନ୍‌ରେ ବାରମ୍ବାର ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।

୨୦୨୩ ମସିହା ଏପ୍ରିଲ ୧୯ ତାରିଖରେ ୧ କୋଟି ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରଥମ ମହିଳା ଭେଣ୍ଡିଂଜୋନ୍ ଆରମ୍ଭ ହୋଇଥିଲା। ଏସଏଚ୍‌ଜି ମା’ମାନଙ୍କ ବ୍ୟବସାୟ ପାଇଁ ପୂର୍ବତନ ସରକାର ସେମାନଙ୍କ ପାଇଁ ଏକ ସ୍ଥାୟୀ ବନ୍ଦୋବସ୍ତ କରିଥିବାରୁ ସରକାରଙ୍କୁ କୃତଜ୍ଞତା ମଧ ଜଣାଇଥିଲେ। ଏଠାରେ ରହିଥିବା ମୋଟ୍ ୪୧ଟି ଷ୍ଟଲ ବା କିଓସ୍କୋ ରେ ମା’ମାନେ ନିଜର ବ୍ୟବସାୟ କରି ଆତ୍ମନିର୍ଭର ହେବାକୁ ସୁଯୋଗ ପ୍ରଦାନ କରାଯାଇଥିଲା। ହେଲେ ଏହି ଭେଣ୍ଡିଂଜୋନ୍ ଗୁଡ଼ିକ ବିଏମ୍‌ସି ଦ୍ୱାରା ଚୟନ ହୋଇଥିବା ଏସଏଚ୍‌ଜି ସଦସ୍ୟାମାନଙ୍କୁ ପ୍ରଦାନ କରାଯାଇଥିଲା। ଏଠାରେ ରହିଥିବା ମୋଟ୍ ୪୧ଟି ଷ୍ଟଲ ମଧ୍ୟରୁ ୩ଟି ଓରମାସ୍ ଷ୍ଟଲ ରହିଛି। ବର୍ତ୍ତମାନ ଯଦିଓ ସମସ୍ତ ଷ୍ଟଲ ଆବଣ୍ଟନ ହୋଇଛି କିନ୍ତୁ ପ୍ରାୟ ୧୦ଟି ଷ୍ଟଲ ଅଧିକାଂଶ ସମୟ ବନ୍ଦ ରହୁଥିବା ଦେଖିବାକୁ ମିଳିଛି। ବିଶେଷ କରି ଏହି ସ୍ଥାନରେ ସନ୍ଧ୍ୟା ସମୟରେ ବ୍ୟବସାୟ ଭଲ ହେଉଥିବାରୁ ବ୍ୟବସାୟୀମାନେ ସନ୍ଧ୍ୟାରେ ଦୋକାନ ଖୋଲିଥାନ୍ତି। ହେଲେ କିଛି ମାସ ହେବ ସନ୍ଧ୍ୟା ହେବା କ୍ଷଣି ଏଠାରେ ବାହାରର କେତେକ ଅସାମାଜିକ ବ୍ୟକ୍ତିମାନେ ଆଡ୍ଡା ଜମାଉଛନ୍ତି। ଏମିତିକି ଏଠାରେ ରହିଥିବା ଷ୍ଟିଲ ବ୍ୟାରିକେଡ୍ ଭାଙ୍ଗିବା ସହ ଖୁଲମଖୁଲା ନିଶାଦ୍ରବ୍ୟ ସେବନ କରୁଛନ୍ତି। ମହିଳା ବ୍ୟବସାୟୀ ବ୍ୟବସାୟ କରୁଥିବା ଜାଣି ମଧ ସେମାନେ ପରସ୍ପର ମଧ୍ୟରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବାରୁ ମହିଳାମାନେ ଅସୁରକ୍ଷିତ ମନେକରି ଦୋକାନ ଖୋଲୁ ନଥିବା କହିଛନ୍ତି। କେବଳ ମହିଳା ମାନେ ନୁହଁନ୍ତି ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକମାନେ ମଧ ଏହି ଭେଣ୍ଡିଂଜୋନ୍ ନିକଟକୁ ସନ୍ଧ୍ୟା ସମୟରେ ସମୟ ଅତିବାହିତ କରିବାକୁ ଆସୁଥିବା ବେଳେ ସେମାନେ ମଧ ନିଜକୁ ଅସୁରକ୍ଷିତ ମନେକରି ବର୍ତ୍ତମାନ ଏଠାକୁ ଆସୁନଥିବା ଦେଖିବାକୁ ମିଳିଛି। ଏନେଇ ବରିଷ୍ଠନାଗରିମାନେ କହିଛନ୍ତି, ଏହି ସ୍ଥାନଟି ଅତ୍ୟନ୍ତ ଶାନ୍ତ ପରିବେଶ ଥିଲା। ପ୍ରତିଦିନ ଆମେ ଏଠାରେ ସମୟ ଅତିବାହିତ କରୁଥିଲୁ। କିନ୍ତୁ କିଛିମାସ ହେବ ଏଠାରେ ବସିବା ତ ଦୂରର କଥା ଆସିବାକୁ ଭୟ ଲାଗୁଛି। ବର୍ତ୍ତମାନ ଭୁବନେଶ୍ୱରରେ କେହି ବି ସୁରକ୍ଷିତ ନାହାନ୍ତି। କଥା କଥାରେ ଛୁରୀ ଭୁଜାଲି ଚାଲୁଛି। ଏଭଳି ଅସାମାଜିକ କାର୍ଯ୍ୟ ପାଇଁ ନିକଟସ୍ଥ ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ କୌଣସି ସୁଫଳ ମିଳିଲା ନାହିଁ। ତେଣୁ ନିଜ ସୁରକ୍ଷା ପାଇଁ ସେଠାକୁ ନଯିବା ଭଲ। ସେହିପରି ଜଣେ ମହିଳା ବ୍ୟବସାୟୀ କହିଛନ୍ତି, ନିୟମିତ ସନ୍ଧ୍ୟାରେ ପେଟ୍ରୋଲିଂ ପାଇଁ ସ୍ଥାନୀୟ ପୁଲିସ ଷ୍ଟେନରେ ଭଅିଯୋଗ ହୋଇଥିଲା। ହେଲେ ଦିନଟିଏ ପେଟ୍ରୋଲିଂ ହେଲାନି। ଫଳରେ ଅସାମାଜିକ ବ୍ୟକ୍ତିମାନେ ନିର୍ଭୟରେ ଏଠାରେ ଆଡ୍ଡା ଜମାଉଛନ୍ତି। ଫଳରେ ଆମେ ଦୋକାନ ଖୋଲିପାରୁନୁ। ଏପେଟ ମାସିକ ଭଡ଼ା ଟଙ୍କା ଗଣୁଛୁ। ଏଥିପାଇଁ ସରକାର ଦୃଢ ପଦକ୍ଷେପ ନେବା ଉଚିତ୍ ବୋଲି ବ୍ୟବସାୟୀମାନେ ଦାବୀ କରିଛନ୍ତି।

## ସେବା ପ୍ରୟାସ ପକ୍ଷରୁ ୫ ମହିଳା ସମ୍ମାନିତ



ଭୁବନେଶ୍ୱର, ୯।୩(ସମିସ): ସେବା ପ୍ରୟାସ ଫାଉଣ୍ଡେସନ ପକ୍ଷରୁ ଏକ ଅନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇଛି। ଫାଉଣ୍ଡେସନର ମୁଖ୍ୟ ତଥା ସମାଜସେବୀ ଲିଙ୍କନ ସୁବୁଦ୍ଧିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଫଳ ମହିଳାମାନେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ‘ଏସପିଏଫ କଳିଙ୍ଗ ବୀରାଙ୍ଗନା କ୍ରିକେଟ୍ ଲିଗ୍ ଫର୍ ଉମେନ୍’ ଏବଂ କାର ରାଲି ଆୟୋଜନ କରାଯାଇଛି। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଚିନ୍ମୟ ମହାନ୍ତି, ରଞ୍ଜିତ ମୋହରାଣା ଏବଂ ବରିଷ୍ଠ ସାମ୍ବାଦିକ ଜିତେନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଅସାଧାରଣ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ସେବା ପ୍ରୟାସ ଫାଉଣ୍ଡେସନ୍ ପକ୍ଷରୁ ୫ ମହିଳାଙ୍କୁ କଳିଙ୍ଗ ବିରାଙ୍ଗନା ସମ୍ମାନ-୨୦୨୬ ରେ ସମ୍ମାନିତ କରାଯାଇଥିଲା।

## ଓମେନ୍ସ ପକ୍ଷରୁ ବିଶ୍ୱ ମହିଳା ଦିବସ



ନନ୍ଦନକାନନ, ୯।୩(ସମିସ):ନାରୀ ସଂଗଠନ ଓମେନ୍ସ ପକ୍ଷରୁ ବିଶ୍ୱ ମହିଳା ଦିବସ ଶୈଳଶ୍ରୀବିହାରସ୍ଥିତ ଉତ୍କଳମଣି ବିଦ୍ୟାମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ସରୋଜିନୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉପଦେଷ୍ଟା ସୁଧାଂଶୁ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଅତିଥି ଭାବେ ସମାଜସେବୀ ରେଖା ପ୍ରଧାନ, ରଞ୍ଜିତା ମହାନ୍ତି, ଶୁଭାସିନୀ ବିଶ୍ୱାଳ, ଶିକ୍ଷାବିତ୍ ରବେୟା ବେଗମ୍, କଳିଙ୍ଗ ମହା ସଂକୀର୍ତ୍ତନ ମଣ୍ଡଳୀର ଉପଦେଷ୍ଟା କୃଷ୍ଣଚନ୍ଦ୍ର ବାରିକ ଓ ସଂଗଠକ ଗୌରାଙ୍ଗ ଚରଣ ଦାସ ପ୍ରମୁଖ ଯୋଗଦେଇ ନାରୀ ପ୍ରଗତି ଆଜିର ସବୁଠୁ ବଡ ଆବଶ୍ୟକତା ଏବଂ ଏଥି ପାଇଁ ମାତୃଜାତି ଏକତ୍ର ହେବା ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସୋନାଲି ମୋନାଲିସା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ନାରୀ ସଂଗଠିକା, ସମାଜସେବୀଙ୍କୁ ପୁରସ୍କୃତ କରାଯାଇଥିଲା।

## ‘ଲାଇନ୍‌ବାଲା’ର ପୋଷ୍ଟର ଉନ୍ମୋଚିତ



ଭୁବନେଶ୍ୱର, ୯।୩(ସମିସ): ଶ୍ରୀହରି ମୋସନ୍ ପିକ୍‌ଚର୍ସ ବ୍ୟାନରରେ ପ୍ରସ୍ତୁତ ତଥା ସୁଶାନ୍ତ ମହାନ୍ତିଙ୍କ ପ୍ରଯୋଜିତ ଓଡ଼ିଆ ଚଳଚ୍ଚିତ୍ର ‘ଲାଇନ୍‌ବାଲା’ର ପୋଷ୍ଟର ଉନ୍ମୋଚିତ ହୋଇଯାଇଛି। ମଞ୍ଚେଶ୍ୱରସ୍ଥିତ ୱାର୍ଲଡ ସ୍କିଲ ସେଣ୍ଟରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡବ୍ଲୁଏସସିର ସିଇଓ ରଶ୍ମିରଞ୍ଜନ ମହାପାତ୍ର, ୱିଙ୍ଗ କମାଣ୍ଡର ଏନ୍ କେ ସାମଲ, ପିନାକୀ ପଟ୍ଟନାୟକ, ପ୍ରଫେସର ପଦୀପ ଦାସ, ପ୍ରଫେସର ଡ. ଦିନଦୟାଲ ସ୍ୱାଇଁ, ପ୍ରଯୋଜକ ସୁଶାନ୍ତ କୁମାର ମହାନ୍ତି, ନିର୍ଦ୍ଦେଶକ ନିରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଇଲେକ୍ଟ୍ରିକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ତିନି ଶ୍ରମିକଙ୍କ ପରିବାରର ତିନି ଜଣ ମହିଳାଙ୍କୁ ଶ୍ରୀହରି ମୋସନ ପିକ୍‌ର୍ସ ତରଫରୁ ସମ୍ମାନିତ କରାଯାଇଥିଲା। ତେବେ ବିଦ୍ୟୁତ୍ ବିଭାଗରେ ‘ଲାଇନ୍‌ମ୍ୟାନ୍’ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଏହି ଚଳଚ୍ଚିତ୍ର ଉତ୍ସର୍ଗ କରିବା ପାଇଁ ପ୍ରଯୋଜକ ଲକ୍ଷ୍ୟ ରଖି ସିନେମା ନିର୍ମାଣ କରିଥିବା କହିଛନ୍ତି।

## ସ୍ୱାଭିମାନ ଓଡ଼ିଆ ସମ୍ମାନ ୨୦୨୬



ଭୁବନେଶ୍ୱର, ୯।୩(ସମିସ): ବୁଦ୍ଧ ମନ୍ଦିର ପରିସରରେ ସ୍ୱାଭିମାନ ଓଡ଼ିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱାଭିମାନ ଓଡ଼ିଆ ସମ୍ମାନ ୨୦୨୬ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମଞ୍ଚରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଏମଆଇଏମଟି ର ନିର୍ଦ୍ଦେଶିକା ସୀମାଦ୍ରୀ ତନୟା ଲେଙ୍କା, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଶିକ୍ଷାବିତ୍ ଡ. ସୌରେନ ମହାପାତ୍ର ଓ ସ୍ୱାଭିମାନ ଓଡ଼ିଆର ଅଧ୍ୟକ୍ଷା ଅରୁନ୍ଧତୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ମହିଳାମାନଙ୍କ ପାଇଁ ଗୋଟିଏ ଦିନ ନୁହେଁ ସବୁଦିନ ହେଉ ବୋଲି ନିଜ ଅଭିଭାଷଣରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ମହିଳାମାନଙ୍କ ମଧ୍ୟରେ ସମାଜସେବୀ ପ୍ରୀତିନନ୍ଦା ରାଉତରାୟ, ଶିକ୍ଷାବିତ୍ ଡ. ବିନ୍ଦୁଶ୍ରୀ ମିଶ୍ର, କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ମହିଳା ସଂଗଠିକା ସଂଯୁକ୍ତା ଭୂତିଆ, ବରିଷ୍ଠ ସମ୍ବାଦ ପାଠିକା ଡ. ସ୍ନେହ ମିଶ୍ର, ଲେଖିକା ଓ ସ୍ତମ୍ଭକାର ଛନ୍ଦା ମିଶ୍ର, ମାହାରୀ ନୃତ୍ୟଶିଳ୍ପୀ ରୂପଶ୍ରୀ ମହାପାତ୍ର, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖଙ୍କୁ ସ୍ୱାଭିମାନ ଓଡ଼ିଆ ସମ୍ମାନ ପ୍ରଦାନ କରାଯାଇଥିଲା।

## ଅନସୂୟାଙ୍କ ‘ଇକୋ-ଫ୍ରେଣ୍ଡଲି’ ପ୍ରୟାସକୁ ସ୍ୱୀକୃତି

ଭୁବନେଶ୍ୱର, ୯।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଚିତ୍ରଶିଳ୍ପୀ ଅନସୂୟା ସାହୁଙ୍କୁ “ଓମେନ୍ ଆଚିଭର ଆୱାର୍ଡ-୨୦୨୬ ପ୍ରଦାନ କରାଯାଇଛି। ଭୁବନେଶ୍ୱରର ସମସ୍ତ ଇନର ହୁଇଲ୍ କ୍ଲବ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ସମ୍ମାନିତ କରିଥିଲେ। ଚିତ୍ରକଳାରେ ସ୍ନାତକ ହାସଲ ପରେ ସେ ଚାକିରି ପଛରେ ନ ଗୋଡାଇ ଗତ ୧୨ ବର୍ଷ ଧରି “ଚିତ୍ରଶାଳା’ ମାଧ୍ୟମରେ କୁନି ପିଲାଙ୍କୁ ଶିକ୍ଷା ଦେଉଛନ୍ତି। ଏଥିସହିତ ପର୍ବପର୍ବାଣିରେ ଇକୋ-ଫ୍ରେଣ୍ଡଲି ସାମଗ୍ରୀ ତିଆରି କରି ସେ ଜଳବାୟୁ ପରିବର୍ତ୍ତନ ନେଇ ସଚେତନତା ସୃଷ୍ଟି କରୁଛନ୍ତି। ନିଜସ୍ୱ ବିୟୁଟିପାର୍ଲର ଜରିଆରେ ସ୍ୱାବଲମ୍ବୀ ହୋଇ ସେ ସମାଜରେ ଜଣେ ସ୍ୱାଭିମାନୀ ମହିଳା ଭାବେ ଉଭା ହୋଇଛନ୍ତି। ପୂର୍ବରୁ ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇ ସାରିଛନ୍ତି।

## ଝରଣା ପତ୍ରିକାର ଉନ୍ମୋଚନ ଉତ୍ସବ ଓ ଆଲୋଚନାଚକ୍ର

ଭୁବନେଶ୍ୱର, ୯।୩(ସମିସ): ଝରଣା ସାହିତ୍ୟ ସଂସଦ ତରଫରୁ ଝରଣା ଓ ଚିର ସମର୍ଥା ପତ୍ରିକାର ସମ୍ପାଦକ ତଥା ଗାଳ୍ପିକ ମନୋଜ କୁମାର ଜେନାଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ବୁଦ୍ଧମନ୍ଦିରଠାରେ ଆୟୋଜିତ ହୋଇଛି। ସଭାରେ ଆଲୋଚନାର ବିଷୟବସ୍ତୁ ‘ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର’ ରହିଥିଲା। ଏହି ଅବସରରେ ଝରଣା ପତ୍ରିକାର ଦୋଳପୂର୍ଣ୍ଣିମା ସଂଖ୍ୟା ଏହି ଅବସରରେ ଉନ୍ମୋଚିତ ହୋଇଥିଲା। ଭାଷା ବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଅଭିମନ୍ୟୁ ସାମନ୍ତସିଂହାରଙ୍କ ଭାଷା ଶୈଳୀ ଅସାଧାରଣ ଓ ଅତୁଳନୀୟ ବୋଲି କହିଥିଲେ। ଶିକ୍ଷାବିତ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ, ମହାବୋଧି ସୋସାଇଟି ଅଫ ଇଣ୍ଡିଆର ଟ୍ରଷ୍ଟି ଡ. ସୌରେନ୍ଦ୍ର କୁମାର ମହାପାତ୍ରଙ୍କ ଉପସ୍ଥିତ ଥିଲେ। ଭାଷାବିତ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।

## ଶ୍ରୀରାମ ଚରିତ ମାନସର କଥା ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, ୯।୩(ସମିସ): ମା ବରଦେଇ ମନ୍ଦିର ପ୍ରାଙ୍ଗଣ ଗଡ଼ସାହି ନୂଆପଲ୍ଲୀଠାରେ ଶ୍ରୀରାମ ଚରିତ ମାନସର କଥା ମହୋତ୍ସବ ଶେଷ ହୋଇଛି। ଶ୍ରୀମଦ ଭାଗବତ ଦିବ୍ୟ ଚେତନା ସଂସ୍ଥାନ ନୂଆପଲ୍ଲୀ ପକ୍ଷରୁ ମା ବରଦେଇ ମନ୍ଦିର ପ୍ରାଙ୍ଗଣରେ ଏହା ଆୟୋଜିତ ହେଉଥିଲା। ଏହି ଉଦ୍‌ଯାପନୀରେ ପ୍ରବକ୍ତା ଭାବେ ପଣ୍ଡିତ ଗୋପାଳ ରାଜଗୁରୁ, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ନାରାୟଣ ମହାପାତ୍ର, ସମ୍ପାଦକ ପ୍ରଦୀପ ରାଉତରାୟ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଦୀପ ରାଉତରାୟ ଓ ଡ. ନାରାୟଣ ମହାପାତ୍ର ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷ ଦିନର ସତସଙ୍ଗ କଥାମୃତ ଓ ଭଜନ ପରିବେଷଣ ହୋଇଥିଲା।

## ସାମ୍ପ୍ରତିକ ପରିସ୍ଥିତିରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୯ ।୩(ସମିସ): ମହିଳା ଦିବସ ଅବସରରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଓଡ଼ିଆ ସାହିତ୍ୟ ଏକାଡ଼େମୀ, ଓ ବିଦ୍ୟାକନକ ସୃଜନୁଷ୍ଠାନର ମିଳିତ ସହଯୋଗରେ ରବିବାର ରବୀନ୍ଦ୍ର ମଣ୍ଡପରେ ନାରୀମାନଙ୍କ ସମ୍ମା।ନ ବଜାଇ ରଖିବାକୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜାତୀୟ ସମ୍ମାନ ‘ନାଟ୍ୟ କଳା କ୍ଷେତ୍ରରେ ନାରୀର ଭୂମିକା ଓ ଅବଦାନ’ ବିଷୟ ବସ୍ତୁକୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଉପ ନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଡ଼.ଅନନ୍ୟା ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଆଲୋଚିକା ଭାବରେ ଲେଖିକା ନିତୁ ଦେବବ୍ରତ ଭଟ୍ଟାଚାର୍ଯ୍ୟ, ନାଟ୍ୟକାର ସଂଘମିତ୍ରା ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ଡ଼. ସମିତା ମହାନ୍ତି ଉପସ୍ଥିତ ରହି ସାମ୍ପ୍ରତିକ ପରିସ୍ଥିତିରେ ରୀ ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଦ୍ୟା କନକ



ସୃଜନୁଷ୍ଠାନର ସମ୍ପାଦକ ଶୁଭାକାନ୍ତ ପାଢ଼ୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଡ଼. ପୁଷ୍ପଲତା ରଥ ସମ୍ମାନ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମହିଳା ମାନଙ୍କୁ ନେଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ‘ଇ-୫’ ବିଜ୍‌ନେସ ସଲ୍ୟୁସନ ପକ୍ଷରୁ ମହିଳା ଦିବସ



ଭୁବନେଶ୍ୱର, ୯।୩(ସମିସ): ‘ଇ-୫’ ବିଜନେସ ସଲ୍ୟୁସନ ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ‘ଷ୍ଟ୍ରେନ୍ଥ, ଷ୍ଟାଇଲ ଏବଂ ସିଷ୍ଟରହୁଡ’ ବିଷୟବସ୍ତୁକୁ ନେଇ ଏକ ବିଶେଷ ଉତ୍ସବ ଆୟୋଜିତ ହୋଇଯାଇଛି। ରବିବାର ହୋଟେଲ ସୂରଜ ପ୍ୟାଲେସରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ରାଜ୍ୟ ହସ୍ତତନ୍ତ ବୟନ ଶିଳ୍ପ ଉପ ନିର୍ଦ୍ଦେଶିକା ମଧୁସ୍ମିତା ଦାସ, ସୁନାମଧନ୍ୟ ଗାୟିକା ବର୍ଣ୍ଣାଳୀ ହୋତା, ଶିଶୁ କଲ୍ୟାଣ କମିଟି ସଦସ୍ୟା ସ୍ୱପ୍ନା ତ୍ରିପାଠୀ ଓ ମୁନମୁନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ହାଣ୍ଡଲୁମ୍ ଶାଢ଼ି, ଡ୍ରାପିଂ ଶୋ, ଭାରତୀୟ ହାଣ୍ଡଲୁମ୍ ଥିମ୍‌ରେ ରାମ୍ପ ଶୋ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଓ ବିଭିନ୍ନ ଖାଦ୍ୟ ଷ୍ଟଲ୍ ଆଦିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସୁଜାତା ପାଢ଼ୀ, ସୁନିତା ପଟ୍ଟନାୟକ, ରଞ୍ଜିତା ମହାପାତ୍ର ଓ ସସ୍ମିତା ଜେନା ପ୍ରମୁଖ ଭୂମିକା ନେଇଥିଲେ।

## ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ନନ୍ଦନକାନନ, ୯।୩(ସମିସ): ଭୁବନେଶ୍ୱରର ଚନ୍ଦ୍ରଶେଖରପୁରର ପଟିଆର ଶ୍ରୀବିହାରରେ ଅବସ୍ଥିତ ବାଲ୍ୟାନ୍ସ ପ୍ଲେ ସ୍କୁଲର ୭ମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମୁଖ୍ୟ ବକ୍ତା ଥିଲେ ଡ଼ ଲକ୍ଷ୍ମଣ ପଣ୍ଡା, ସମ୍ମାନିତ ଅତିଥି ଭାବେ କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା, ପୂର୍ବତନ ମତ୍ସ୍ୟ ନିଗମ ଅଧକ୍ଷ ସୁବାସ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ସ୍କୁଲର ଅଧ୍ୟକ୍ଷ ସମୀର କୁମାର ମହାନ୍ତି। ଶେଷରେ ସ୍କୁଲର ଅମ୍ବିକା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଭିନ୍ନ ଗ୍ରାମରେ ପଞ୍ଚୁଦୋଳ ମେଳନ

ଯାଁଳା, ୯ ।୩(ସମିସ): ଉପକଣ୍ଠ ଅଞ୍ଚଳରେ ବିଭିନ୍ନ ଗ୍ରାମରେ ଆରମ୍ଭ ହୋଇଥିବା ପଞ୍ଚୁ ଦୋଳ ମେଳନ ଶେଷ ହୋଇଛି ।ଏହି ପଞ୍ଚୁ ଦୋଳ ମେଳନ ଫଗୁ ଦଶମୀ ତିଥିରେ ଆରମ୍ଭ ହୋଇ ପରେ ଜାଗସରାପଟଣା, ପାତ୍ରପଡ଼ା, ତମାଣ୍ଡୋ, ନଁପୁଟ ମଦନପୁର, ଛତାବର, ମୁଣ୍ଡମହାଣ ଆଦି ଅଞ୍ଚଳରେ ମହାସମାରୋହରେ ପାଳିତ ହୋଇଯାଇଛି। ଗାଁ ଗାଁ ଭିତରେ ଭାଇଚାରା ସମ୍ପର୍କ ସୃଷ୍ଟି କରିବା ପାଇଁ ପଡୋଶୀ ଗାଁ ମାନେ ସେମାନଙ୍କ ଆରାଧ ଠାକୁରଙ୍କୁ ଏକାଠି କରନ୍ତି। ପଞ୍ଚୁଦୋଳ ପର୍ବ ପାଇଁ ସବୁ ଗ୍ରାମ ଗୁଡିକ ଚଳଚଞ୍ଚଳ ହୋଇପଡ଼ିଥିଲେ।

ଏହି ଅବସରରେ ମୁଣ୍ଡମୁହାଣ ପ୍ରସିଦ୍ଧ ପଞ୍ଚୁ ଦୋଳ ମେଳନ ସମାହିତ ହୋଇଯାଇଛି। ତୃତୀୟା ତିଥିରୁ ଆରମ୍ଭ ହୋଇଥିବା ଏହି ଦୁଇ ଦିନିଆ ମେଳଣ ଷଷ୍ଠୀ ତିଥିରେ ହରିହର ଭେଟ ସହ ସମ୍ପନ୍ନ ହୋଇଛି ।ଗତ ଶୁକ୍ରବାର ରାତିରେ ଜମାଣ ପର୍ବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ବାଜା, ବାଣ, ରୋଷଣୀ ସହ ଘୋଡ଼ା ନାଚ, ଷଣ୍ଢ ନାଚ, ନାଗା ନାଚ ସହ ଅନ୍ୟାନ୍ୟ ପାରମ୍ପରିକ ଲୋକକଳାରେ ସଜ୍ଜିତ ଶୋଭାଯାତ୍ରାରେ ଗ୍ରାମର ଆରାଧ ଦେବତା ଥାନପତି ଗ୍ରାମେଶ୍ୱର ମହାଦେବ, ଚନ୍ଦ୍ରଚୁଡ ଦେବଙ୍କ ଚଳନ୍ତି ପ୍ରତିମାକୁ ଦୋଳ ବିମାନରେ ଗ୍ରାମ ପରିକ୍ରମା କରାଇ ମେଳଣ ପଡ଼ିଆକୁ ନିଆଯାଇଥିଲା। ସେଠାରେ ଥାନପତି ଆଖପାଖ ୧୫ ଖଣ୍ଡ ଗ୍ରାମରୁ ନିମନ୍ତ୍ରିତ ହୋଇଥିବା ଅତିଥି ଚଳନ୍ତି ପ୍ରତିମାକୁ ସ୍ୱାଗତ କରିଥିଲେ। ହରିହର ଭେଟ ସହ ଅତିଥି ଠାକୁର ମାନେ ଥାନପତିଙ୍କ ଠାରୁ ମେଲାଣି ନେଇଥିଲେ। ସବୁ ଗ୍ରାମର ଦୋଳ ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ମେଳଣ ପଡ଼ିଆରେ ଠାକୁରଙ୍କ ଆଗରେ ନାମ ସଂକୀର୍ତ୍ତନ, ଡ୍ୟାନ୍ସ ଡ୍ୟାନ୍ସ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ପରିବେଷଣ କରାଯାଇଥିଲା। ହରିହର ଭେଟ ବେଳେ ଗାଁ ମେଳଣ ପଡ଼ିଆରେ ଗ୍ରାମବାସୀ ମାନେ ଏକତ୍ରିତ ହୋଇଥିଲେ। ଫଗୁ ଖେଳରେ ମାତି ଯାଇଥିଲେ। ହରିହର ଭେଟ ପରେ ଅତିଥି ଠାକୁରଙ୍କୁ ମେଲାଣି ଦିଆ ଯାଇଥିଲା।

### ଆଜି ଓୟୁଏଟିର ସମାବର୍ତ୍ତନ ଉତ୍ସବ

# ୮୧୯ ସ୍ନାତକ, ୫୨୪ ସ୍ନାତକୋତ୍ତରଙ୍କୁ ଦିଆଯିବ ଡିଗ୍ରୀ

**୮୩ ପିଏଚ୍‌ଡି ସମେତ ୧୧୭ ଜଣଙ୍କୁ ସ୍ୱର୍ଣ୍ଣପଦକ**

ଭୁବନେଶ୍ୱର, ୯ ।୩(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୪୧ତମ ସମାବର୍ତ୍ତନ ଉତ୍ସବ ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଅନୁଷ୍ଠିତ ହେବ। କୃଷି ଶିକ୍ଷା ସଦନଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ହରିବାବୁ କମ୍ଭମପାଟି ଉପସ୍ଥିତ ରହିବେ। ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡ. ମାଙ୍ଗୀଲାଲ୍ ଜାଟ ଓ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ସଚିବ ରାମଚନ୍ଦ୍ର ଯାଧବ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମାବର୍ତ୍ତନ ଉତ୍ସବରେ ୮୧୯ ଜଣ ସ୍ନାତକ, ୫୨୪ ଜଣ ସ୍ନାତକୋତ୍ତର ଏବଂ ୮୩ ଜଣ ପିଏଚଡି ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୭୭ ଜଣଙ୍କୁ ୧୧୭ଟି ସ୍ୱର୍ଣ୍ଣପଦକ, ଗୋଟିଏ ଶ୍ରେଷ୍ଠ ପିଏଚ.ଡି ଥେସିସ୍ ପୁରସ୍କାର ଏବଂ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୬ ଜଣଙ୍କୁ ପୁରସ୍କୃତ କରାଯିବ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ବିଶ୍ୱବିଦ୍ୟାଳୟର ଉତ୍କର୍ଷତା ଓ ଅନନ୍ୟ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ପ୍ରଫେସର ରାଉଳ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏଯାଏଁ ୩୮ଟି ଫସଲର ୨୧୭ଟି କିସମକୁ ବିକଶିତ କରିଛନ୍ତି। ନୂତନ କିସମ ମଧ୍ୟରେ ଧାନ କିସମ ପଦ୍ମଜକ୍ଷ, ମାଣ୍ଡିଆ କିସମ ଶ୍ରୀନିଧି, ବିରି କିସମ ଶ୍ରୀୟା, କାଜୁ କିସମ ସୁଭଦ୍ରା ଓ ଆଳୁର ଫୁଲବୋଣୀ ଆଳୁ ଆଦି ରହିଛି। ଚାଷୀଙ୍କ ଆୟ ବୃଦ୍ଧି କରିବା ସହ ଉତ୍ପାଦନ ବଢ଼ାଇବାରେ ନୂତନ କିସମ ସହାୟକ ହୋଇପାରିଛି। ସେହିପରି ବିଶ୍ୱବିଦ୍ୟାଳୟ ପ୍ରଚେଷ୍ଟାରେ ମାଣିକ ପାଟଣା ଦହିକୁ ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ କରିବା ପାଇଁ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କୃଷି ଓ ଗବେଷଣାକୁ ଆଗକୁ ନେବାପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ପାଠ୍ୟକ୍ରମ ଖୋଲାଯିବା ସହ ପଶୁପାଳନ, ଦକ୍ଷତା ବିକାଶ, କୃଷି ଉଦ୍ୟୋଗୀଙ୍କୁ ପ୍ରଶିକ୍ଷଣ, ରଙ୍ଗିନ କୁକୁଡ଼ା ବ୍ରିଡ୍ ବିକଶିତ କରିବା ଆଦି କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ କରାଯାଉଥିବା କୁଳପତି ପ୍ରଫେସର ରାଉଳ ସୂଚନା ଦେଇଛନ୍ତି।

## ଭୁବନେଶ୍ୱର ସିଟି



# ରାଜଧାନୀ ଉପକଣ୍ଠରେ ମାଲମାଲ ଇଟାଭାଟି

## ଚିମିନି ଧୂଆଁରେ ଆକ୍ରାମାକ୍ରା ପରିବେଶ



ବାଲିଅନ୍ତା, ୯ ।୩(ସମିସ): ବାଲିଅନ୍ତା ତହସିଲ ଅଞ୍ଚଳରେ ଡଜନ ଡଜନ ପୋଡା ଇଟା ଭାଟି ଚାଲିଛି। ଏନେଇ ପ୍ରଦୂଷଣର ମାତ୍ରା ବଢୁଥିବା ବେଳେ ପୋଡା ଚିମିନି ଇଟାଭାଟିଗୁଡିକ ଉପରେ ଚଢ଼ଉ କରାଯାଉ ନାହିଁ। ପ୍ରଶାସନର କୋହଳ ମନୋଭାବ କଙ୍କଡାକୁ ଗୋଲିପାଣି ସୁହାଇବା ଭଳି ମାଟିଇଟା ମାଫିଆମାନଙ୍କୁ ସୁହାଉଛି। ତହସିଲ ପ୍ରଶାସନ, ଖୋର୍ଦ୍ଧା ଜିଲ୍ଲା ଖଣି ବିଭାଗ, ରାଜ୍ୟ ପ୍ରଦୂଷଣ ବିଭାଗ, ଶ୍ରମ ବିଭାଗ, ଶିଳ୍ପ ବିଭାଗ ଏବଂ ପଞ୍ଚାୟତ ଜନ ପ୍ରତିନିଧିମାନଙ୍କ ବିନା ଅନୁମିତିରେ ମାଫିଆମାନେ କିଭଳି ଚଳାଇଛନ୍ତି ପୋଡା ଇଟାଭାଟି ତାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଅଧିକାରୀ ଭାଟି ମାଲିକଙ୍କ ଠାରୁ ମୋଟା ଅଙ୍କ ନେଇ ହାତ ସିକକଣ କରୁଥିବା ଅଭିଯୋଗ ହେଉଛି। ଇଟାଭାଟି ମାଲିକମାନେ ନିକଟସ୍ଥ ସରକାରୀ ଜମି, ଦଣ୍ଡା, ଗୋଚର, ଅନାବାଦୀ, ଜଳାଶୟ, ଜଙ୍ଗଲ ଜମି, ପତିତ ଜମି ଏବଂ ଚାଷ ଉପଯୋଗୀ ଜମିରୁ ବେଆଇନ ଭାବେ ମାଟି ଚୋରି କରି କମ ଉଚ୍ଚତା ବିଶିଷ୍ଟ ଚିମିନିରେ ଇଟା ପୋଡୁଛନ୍ତି। ଫଳରେ ଚିମିନିରୁ ନିର୍ଗତ ଧୂଆଁ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଆଖପାଖ ଜନବସତି, ବସ୍ତିରେ ଧୂଳି ଓ ଧୂଆଁର ଆସ୍ତରଣ ଜମି ଯାଉଛି। ଲୋକମାନେ ଧୂଳି ଓ ଧୂଆଁ ଦ୍ୱାରା ବିଭିନ୍ନ ପ୍ରକାର ରୋଗରେ ପୀଡ଼ିତ ହେଉଛନ୍ତି।

ବିଶେଷ କରି ଶ୍ୱାସରୋଗୀ, ଯକ୍ଷ୍ମା ଏବଂ ହୃଦରୋଗୀମାନେ କଲବଲ ହେଉଛନ୍ତି। ଖାଲି ସେତିକି ନୁହେଁ ଇଟାଭାଟି ଚିମିନିରେ କୋଇଲା ଏବଂ ଅନ୍ୟାନ୍ୟ ଦହନଶୀଳ ପଦାର୍ଥ ଜଳିବା ଦ୍ୱାରା ପରିବେଷ ଆହୁରି ପ୍ରଦୂଷିତ ହୋଇପଡୁଛି। ବିଶେଷ କରି କଞ୍ଚିଲୋ, ବାଲିଅନ୍ତା, ଭିଙ୍ଗାରପୁର, ଗରଗରା, କୁରାଙ୍ଗ, ବାଳକାଟି, ଧମିଲୋ, ଜଗନ୍ନାଥପୁର ଏବଂ ଜୟଦେବ ପଞ୍ଚାୟତ ଅଞ୍ଚଳରେ ଚାଷ ଜମିରୁ ମାଟି ଚୋରି କରି ଚିମିନିରେ ପୋଡାମାଟି ଇଟାଭାଟି ଚାଲିଛି। ସମ୍ପ୍ରତି ଏବେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଭାଟି ଯୋଗୁଁ ତାପମାତ୍ରା ଆହୁରି ବୃଦ୍ଧି ପାଇବାରେ ଲାଗିଛି। କିଛି ଇଟାଭାଟିରେ ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରାଯାଇଥିଲେ ହେଁ ଶ୍ରମ ବିଭାଗ ଚ?ଉ କରି ଇଟାଭାଟି ମାଲିକମାନଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଜଣାପଡ଼ିଛି। ବାୟୁମଣ୍ଡଳ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଚିମିନି ଭାଟି ଉଚ୍ଛେଦ ନେଇ ଦାବି ହେଉଛି।




ଭୁବନେଶ୍ୱର, ୯।୩(ସମିସ): ପୁରୁଣା ଫଟୋ ଅତୀତର ଅଭୁଲା ସ୍ମୃତି ପରି ସବୁବେଳେ ସତେଜ। ଯିଏ ମନେପକାଇ ଦିଏ ଚାଲିଯାଇଥିବା ସମୟ, ମଣିଷ ଏବଂ ଫେରେଇନିଏ କିଛି ସ୍ମୃତିର ଠିକଣା ସ୍ଥାନକୁ। ସେହିପରି ଏକ ସ୍ଥାନ ହେଲା ପରୁଣା ଭୁବନେଶ୍ୱରର ବିନ୍ଦୁସାଗର। ଦିନ ଥିଲା ଗାଡ଼ି ବଦଳରେ ଶଗଡ଼ ପହଞ୍ଚାଉଥିଲା ବିନ୍ଦୁସାଗର କୂଳରେ। କୋଠା ଘର ବଦଳରେ ଚାଳ ଓ ଆଜବେଷ୍ଟ ଘର ଲିଙ୍ଗରାଜ ମନ୍ଦିର ଏବଂ ବିନ୍ଦୁ ସାଗର ଚାରି ପାଖକୁ ଘେରି ରହିଥିଲା। ବର୍ତ୍ତମାନର ଗାଡ଼ିଷ୍ଟାଣ୍ଡ, ଦୋକାନ ବଜାର ବଦଳରେ ସେଠାକାର ସବୁଜିମା ପରିବେଶ ମନକୁ ଶାନ୍ତି ଦେଉଥିଲା। ସନ୍ଧ୍ୟା ହେଲେ ସାଙ୍ଗମାନଙ୍କ ମେଳ ଆଉ ବିନ୍ଦୁସାଗର କୂଳ ହିଁ ଥିଲା ସେ ସମୟର ଲୋକଙ୍କ ଗୋଟେ ହିଁ ଠିକଣା। ସମୟ ଗଡ଼ିଛି କିନ୍ତୁ ସେଇ ପୁରୁଣା ଭୁବନେଶ୍ୱରର ଆକର୍ଷଣ କେନ୍ଦ୍ର ବିନ୍ଦୁସାଗର ବୟସ ଆଜି ବି ତାଜା ଓ ସତେଜ ପରି ଅନେକଙ୍କୁ ଅନୁଭବ ହୁଏ। ତାକୁ ହିଁ ନେଇ ଆମର ଆଜି ଏହି ଉପସ୍ଥାପନା।

ସାମାଜିକ ଗଣମାଧ୍ୟମରେ ଆଜି ବିନ୍ଦୁସାଗରର ଅନେକ ବର୍ଷ ତଳର ଫଟୋ ଦେଖିବାକୁ ମିଳିଥିଲା। ଯାହା ୧୪୦ ବର୍ଷ ପୁରୁଣା ଫଟୋ ବୋଲି ଜଣାପଡ଼ିଛି। ଯେଉଁଠି ବିନ୍ଦୁସାଗର ଚାରିପାଖ ଛୋଟବଡ ମନ୍ଦିର ସହ ସବୁଜିମାରେ ପରିପୂର୍ଣ୍ଣ। ଇତିହାସ କୁହେ ସପ୍ତମ ଶତାବ୍ଦୀର ମଧ୍ୟ ଭାଗରେ ପ୍ରଭୁ ଶିବଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ବର୍ଷରେ ବିଭିନ୍ନ ଧାର୍ମିକ ଉତ୍ସବ ସମୟରେ ଏଠାରେ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳେ।

## ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିରେ ଏଡିଟର୍ସ କନକ୍ଲେଭ


ଭୁବନେଶ୍ୱର, ୯ ।୩(ସମିସ): ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର ବିର୍ଲା ସ୍କୁଲ୍ ଅଫ୍ କମ୍ୟୁନିକେସନ୍ ପକ୍ଷରୁ ଏଡିଟର୍ସ କନକ୍ଲେଭର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଛି। ଦେଶର ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ସମ୍ପାଦକମାନେ ସମ୍ମିଳନୀରେ ଯୋଗଦେଇଥିଲେ। ଗଣମାଧ୍ୟମରେ ଡିଜିଟାଲ ଓ ସାମାଜିକ ଗଣମାଧ୍ୟମର ପ୍ରଭାବ ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପଯୋଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଛନ୍ତି। ସେହିପରି 'ଶିରୋନାମା ବିବର୍ତ୍ତନ: ଖବରକୁ ଭାବନାତ୍ମକ ଢଙ୍ଗରେ ଉପସ୍ଥାପନା ପାଇଁ ନା ସୂଚନା ଆକାରରେ ପରିବେଷଣ ପାଇଁ ପ୍ରସ୍ତୁତ କରାଯାଉଛି କି?' ଏବଂ 'ସିଟିଜେନ୍ ଜର୍ଣ୍ଣାଲିଜିମ୍ ଯୁଗରେ ଗେଟକିପିଂ: ଯଦି ସମସ୍ତେ ଖବର ପ୍ରସାରଣ କରୁଛନ୍ତି, ତେବେ ସମ୍ପାଦକଙ୍କ ଭୂମିକା କ'ଣ?' ପରି ଦୁଇଟି ଶିର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କୁଳଭୂଷଣ ବଲୁନୀ ଓ କୁଳସଚିବ ଡ. ବି.କେ. ଦାସ ବିର୍ଲା ସ୍କୁଲ୍ ଅଫ୍ କମ୍ୟୁନିକେଶନ୍‌ର ଡିନ୍ ଡ. ଶିବ ଶଙ୍କର ଦାସ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଫେସର ଡ. ଜ୍ଞାନରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ବାଦିକତା ଓ ଗଣଯୋଗାଯୋଗ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ।

## ଗୋଧୂଳି ସାହିତ୍ୟ ସଂସଦ ପକ୍ଷରୁ ମହିଳା ଦିବସ




ଭୁବନେଶ୍ୱର, ୯।୩(ସମିସ): ଗୋଧୂଳି ସାହିତ୍ୟ ସଂସଦର ଆନ୍ତର୍ଜାତିକ ମହିଳା ଦିବସ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହଠାରେ ଶିବସୁନ୍ଦର ପଟ୍ଟନାୟକ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସମ୍ପାଦିକା ବିମଳା ସିଂହ ଦିନର ତାତ୍ପର୍ଯ୍ୟ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ବରିଷ୍ଠ କବି ଡ. ଚକ୍ରଧର ଦାଶଙ୍କ ସଭାପତିତ୍ୱରେ ଏବଂ ବରିଷ୍ଠ କବି ଯୋଗେନ୍ଦ୍ର ନାୟକଙ୍କ ସଂଯୋଜନାରେ ପ୍ରଥମେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବିତାଗୁଡ଼ିକ ସମୀକ୍ଷା କରିଥିଲେ ସାହିତ୍ୟିକା ଡ. ନିବେଦିତା ମହାନ୍ତି। ପରେ ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ଆଡିସନାଲ୍ ଡିସିପି ଆରତି ଗିରି, ମୁଖ୍ୟବକ୍ତା ଭାବରେ ସଙ୍ଗୀତଜ୍ଞ ଡ. ଚିତ୍ତରଞ୍ଜନ ପାଣି, ସମ୍ମାନିତ ଅତିଥି ଭାବରେ ନାଟ୍ୟକାର ବିଜୟ କୁମାର ମହାନ୍ତି ଏବଂ ସମ୍ମାନିତବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସୌମେନ୍ଦ୍ର ଜେନା ଯୋଗ ଦେଇଥିଲେ। ସମସ୍ତ ଅତିଥି ଏକ ସୁସ୍ଥ ସମାଜ ଗଠନରେ ନାରୀର ଭୂମିକା ଏବଂ ନାରୀ ସ୍ୱାଧିନତା ଓ ନାରୀ ସଶକ୍ତୀକରଣ ଉପରେ ନିଜର ମତ ରଖିଥିଲେ। ଏହି ଅବସରରେ ଗୋଧୂଳି ପରିବାର ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଇଁ ବରିଷ୍ଠ କବି ଡ. ପ୍ରେମଲତା ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦିକା ବିମଳା ସିଂହ ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ କହିଥିଲେ।

## ବରିଷ୍ଠ ନାଗରିକ ସଂଘ ଓ ମହିଳା ସମିତି ପକ୍ଷରୁ ମହିଳା ଦିବସ



ଭୁବନେଶ୍ୱର, ୯।୩(ସମିସ): ରାମେଶ୍ୱର ବରିଷ୍ଠ ନାଗରିକ ସଂଘ ଓ ରାମେଶ୍ୱର ମହିଳା ସମିତି ମିଳିତ ଆନୁକୂଲ୍ୟରେ ଜୟଦେବ ବିହାର ଡେ କେୟାର ସେଣ୍ଟରଠାରେ ପାଳିତ ହୋଇଛି। ଏହି ସଭାରେ ଶାନ୍ତି ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମନୋରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଭାବେ ସୁଷମା ଲେଙ୍କା ଓ ସୁଭ୍ରା ମହାନ୍ତି ଯୋଗଦେଇ ମହିଳା ଦିବସରେ ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ଏହି ଅବସରରେ ବରିଷ୍ଠ ମହିଳା କୁମୁଦିନୀ ପରିଡ଼ା ଓ ଶୈଳବାଳା ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ହରିହର ବରାଳ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ପ୍ରତିମା ମହାପାତ୍ର, ମିନତୀ ତ୍ରିପାଠୀ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ମହିଳା ଦିବସରେ କର୍କଟ ପୀଡ଼ିତାଙ୍କୁ କୃତ୍ରିମ ସ୍ତନ ଓ କେଶ ବଣ୍ଟନ



ଭୁବନେଶ୍ୱର, ୯।୩(ସମିସ):ଆନ୍ତର୍ଜାତିକ ମହିଳା ଦିବସ ଅବସରରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ୍ ଓ ମାରୱାଡ଼ି ସୋସାଇଟିର ମିଳିତ ଆନୁକୂଲ୍ୟରେ ମାରୱାଡ଼ି ସୋସାଇଟି କମ୍ୟୁନିଟି ହଲ୍‌ଠାରେ ୧୫ ଜଣ କ୍ୟାନ୍ସର ପୀଡ଼ିତାଙ୍କୁ ବିନା ମୂଲ୍ୟରେ ଉନ୍ନତମାନର କୃତ୍ରିମ ସ୍ତନ ଏବଂ କେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁମ୍ବାଇର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଆଗ୍ନେଲୋ ରାଜେଶ ଅତିଥି ଭାବେ ଯୋଗ ଦେଇ ଫାଉଣ୍ଡେସନ ସହ ତାଙ୍କର ଦୀର୍ଘ ଦିନର ସମ୍ପର୍କ ଓ ଅନୁଭୂତି ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାରୱାଡ଼ି ସୋସାଇଟିର କୋଷାଧ୍ୟକ୍ଷ ସୁରେନ୍ଦ୍ର ଅଗ୍ରୱାଲ, ମାରୱାଡ଼ି ସୋସାଇଟିର ଯୁଗ୍ମ ସମ୍ପାଦକ ବିମଲ ଭୂତଙ୍କ ସହ କର୍ମକର୍ତ୍ତା, କୋଣାର୍କ କ୍ୟାନ୍ସର ଫାଣ୍ଡେସନର କର୍ମକର୍ତ୍ତା ଏବଂ ଇଣ୍ଟାସ ଫାଉଣ୍ଡେସନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ପଞ୍ଚମବେଦର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

## କର୍ଣ୍ଣ ଓ କୁନ୍ତୀମାନଙ୍କ କାହାଣୀକୁ ନେଇ 'କର୍ଣ୍ଣ' ମଞ୍ଚସ୍ଥ



ଭୁବନେଶ୍ୱର, ୯।୩(ସମିସ):ପଞ୍ଚମବେଦରରାଜ୍ୟସ୍ତରୀୟନାଟକ ମହୋତ୍ସବ ଓ ପଞ୍ଚମବେଦ ସମ୍ମାନ ଉତ୍ସବ ସୋମବର ଭଞ୍ଜକଳା ମଣ୍ଡପଠାରେ ଆରମ୍ଭ ହୋଇଛି। ଏହି ପ୍ରଥମ ସନ୍ଧ୍ୟାରେ ଉତ୍ତର ପୁରୁଷ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ନାଟକ 'କର୍ଣ୍ଣ' ମଞ୍ଚସ୍ଥ ହୋଇଛି।

ମହାଭାରତର କର୍ଣ୍ଣଠାରୁ ଆହୁରି ଏକ କର୍ଣ୍ଣର ଅସ୍ତିତ୍ୱ ଆମମାନଙ୍କ ମଧ୍ୟରେ ରହିଛି। ତାରି ଆହ୍ୱାନ ଆମର ରକ୍ତକୋଷର ପ୍ରତିଟି ସ୍ନାୟୁରେ। କର୍ଣ୍ଣ ବଞ୍ଚୁଥାଏ ପୁରୁଷାକାର ମଧ୍ୟରେ। ନିଜେ ଜଳିଜଳି ଏହି କର୍ଣ୍ଣ ଓ କୁନ୍ତୀମାନେ ସମାଜକୁ ଆଲୋକ ଦେଖାଇଥାଆନ୍ତି। ଆଜିର ନାଟକରେ ସେହି କର୍ଣ୍ଣ ଓ କୁନ୍ତୀମାନଙ୍କ କାହାଣୀକୁ ନେଇ ନାଟକ 'କର୍ଣ୍ଣ' ପରିବେଷଣ ହୋଇଥିଲା। ଯାହାର ନିର୍ଦ୍ଦେଶନା ଡ. ପ୍ରସନ୍ନ ମିଶ୍ର ଦେଇଥିବାବେଳେ ନାଟ୍ୟକାର ହେଉଛନ୍ତି ପ୍ରଫେସର ଡ. ବିଜୟ କୁମାର ଶତପଥୀ। ଅଭିନୟରେ ଡ. ପ୍ରସନ୍ନ କୁମାର ମିଶ୍ର, ଦେବଦତ୍ତ ପତି, ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ, ଅଭିଷେକ, ରୂପେଶ, ଗୌରବ, ପ୍ରଣତୀ ପ୍ରମୁଖଙ୍କୁ ଦେଖିବାକୁ ମିଳିଛି। ଏହି ପ୍ରଥମ ସନ୍ଧ୍ୟାରେ ଅତିଥି ଭାବେ କଳିଙ୍ଗ ନାଟ୍ୟ ସଂଘର ସଭାପତି ଧୀର ମଲ୍ଲିକ, ପ୍ରଦୀପ ବିଶ୍ୱାଳ, ଉପେନ୍ଦ୍ର ପ୍ରସାଦ ନାୟକ, ପ୍ରଫେସର ବିଜୟ କୁମାର ଶତପଥୀ, ହରେନ ସାହୁ, ଡ. ପ୍ରଶନ୍ନ ମିଶ୍ର ଉପସ୍ଥିତ ଥିବାବେଳେ ପଞ୍ଚମବେଦ ଅନୁଷ୍ଠାନର ସମ୍ପାଦକ ପ୍ରକାଶ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରତାପରୁଦ୍ରପୁର ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'



ବାଲିଅନ୍ତା, ୯ ।୩(ସମିସ): ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ସଭା କକ୍ଷରେ ଅଭିଯୋଗ ଶୁଣାଣି ଜନିତ 'ପଲ୍ଲୀରେ ପ୍ରଶାସନ' ଆଜି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅପରାଜିତା ସ୍ୱାଇଁ ପ୍ରତାପରୁଦ୍ରପୁର ସରପଞ୍ଚ ଶ୍ରଦ୍ଧେୟା ପାତ୍ର, ସମିତି ସଭ୍ୟ ଉମାରାଣୀ ମହାନ୍ତି, ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗ ଶୁଣାଣିରେ ସର୍ବମୋଟ ୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ଗୋଟିଏ ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ଗୋଟିଏ ଅଭିଯୋଗ ହସ୍ତଗତ ହୋଇଥିଲା।

## ଆଇବିସିଏସ୍ ପକ୍ଷରୁ ଦୁଇଦିନିଆ ଜାତୀୟ ସମ୍ମିଳନୀ 'ସଷ୍ଟେନ୍‌ହେଲ୍‌ଥ'

ଭୁବନେଶ୍ୱର, ୯।୩(ସମିସ):ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ (ଆଇବିସିଏସ), ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଏବଂ କନ୍‌ସୋରଟିୟମ୍ ଅଫ୍ ଆକ୍‌ରେଡିଟେଡ ହେଲ୍‌ଥ କେୟାର ଅର୍ଗାନାଇଜେସନ୍‌ସ (କାହୋ)ର ମିଳିତ ଆନୁକୂଲ୍ୟରେ ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, କାହୋର ଚେୟାର ସଷ୍ଟେନେବଲ୍ ଫୋରମ୍ ତଥା ପ୍ରୋଗ୍ରାମ ପରାମର୍ଶଦାତା ଡାକ୍ତର କରନ୍ ଠାକୁର, ଇଞ୍ଜିନିୟର୍ସ ଫୋରମର ବିନୋଦ କୁମାର କେବି, ଆଇବିସିଏସ୍‌ର ଡିନ୍ ତଥା ପ୍ରୋଗ୍ରାମ ନିର୍ଦ୍ଦେଶକ ପ୍ରଫେସର ଅୟସ କାନ୍ତ ମହାନ୍ତି ଉପସ୍ଥିତ ଥିଲେ। ଏହି




ସୋଆ କ୍ୟାମ୍ପସ-୨ ପରିସରରେ ଦୁଇ ଦିନ ଧରି ଜାତୀୟସ୍ତରୀୟ 'ସଷ୍ଟେନହେଲ୍‌ଥ ୨୦୨୬ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ଭାରତ ସରକାରଙ୍କ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସିର ଡାଇରେକ୍ଟର ଜେନେରାଲ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ୟୁନିସେଫ୍‌ର ହେଲ୍‌ଥ ସ୍ପେଶିଆଲିଷ୍ଟ ଡ. ମୀନା ସୋମ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏମଏସ ଆଣ୍ଡ ସମ ହସ୍ପିଟାଲ୍‌ର ଅବସରରେ ସଷ୍ଟେନହେଲ୍‌ଥ ୨୦୨୬ ନାମକ ଏକ ପୁସ୍ତକକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର (ଡକ୍ଟର) ଅନୁପ କୁମାର ସାମନ୍ତରାୟ ଅଧ୍ୟକ୍ଷତା କରି ମେଡିକାଲ୍‌ର ୱେଷ୍ଟ ମ୍ୟାନେଜମେଣ୍ଟ, ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଦେଖାଯାଉଥିବା ଜରୁରିକାଳୀନ ପରିସ୍ଥିତିରେ ରୋଗୀକୁ କିପରି ଉତ୍ତମ ଚିକିତ୍ସା ପ୍ରଦାନ କରାଯିବା ସହ ଆଗାମୀ ସମୟରେ ସଷ୍ଟେନେବିଲିଟିର ସନ୍ତୁଳନକୁ କିପରି ବଜାୟ ରଖାଯିବ ସେ ବିଷୟରେ ମତ ରଖିଥିଲେ।

### ଆମ ରାଜଧାନୀ ଆମ ଐତିହ୍ୟ

# କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ନୃସିଂହନାଥ ମନ୍ଦିର



ଭୁବନେଶ୍ୱର, ୯।୩(ସମିସ): ଅନନ୍ତ ଓ ଅସୁମାରୀ କୀର୍ତ୍ତିରାଜିରେ ଭରା ଆମ ଏ ଓଡ଼ିଶା ଭୂଖଣ୍ଡ। ସେହିପରି ରାଜଧାନୀର କୋଣାନୁକୋଣରେ କେତେ ଯେ ଦେଉଳ, କେତେ ମଠ ଓ ମନ୍ଦିର। ଏହା କେବଳ ଐତିହ୍ୟ କିର୍ତ୍ତୀରାଜିର ମୁକ ସାକ୍ଷୀ ନୁହଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ୍ୟ ଜଡିତ। ଗୌରବମୟ ଆମ ଅତୀତ ଓ ଇତିହାସ। ଧର୍ମ, ସାହିତ୍ୟ, ସଂସ୍କୃତି, ନୃତ୍ୟ ଓ ସଙ୍ଗୀତ କେତେ ଯେ ଉତ୍କୃଷ୍ଟ କଳାରେ ଭରି ହୋଇ ରହିଛି। ସେହି ଇତିହାସ ପୃଷ୍ଠାର ଅନ୍ୟତମ କିର୍ତ୍ତିରାଜୀ ଦଶମରୁ ଏକାଦଶ ଶତାବ୍ଦୀର ମଧ୍ୟ ଭାଗରେ ନିର୍ମିତ ନୃସିଂହନାଥ ମନ୍ଦିର।

ବୈଷ୍ଣବବାଦର କ୍ରମ ବିକାଶରେ ଭଗବାନ ନରସିଂହଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଶ୍ରୀବିଷ୍ଣୁଙ୍କ ମୁଖ୍ୟ ଦଶଅବତାର ମଧ୍ୟରେ ଚତୁର୍ଥ ଅବତାର ହେଉଛନ୍ତି ଶ୍ରୀନୃସିଂହ ଅବତାର। ସେହିଭଳି ବାଲିଅନ୍ତା ପାରିବାସୁଦେଇପୁର ଗ୍ରାମରେ ରହିଛି ନୃସିହଂନାଥ ମନ୍ଦିର। ସୋମ ବଂଶୀ ରାଜତ୍ୱ ସମୟରେ ଏହି ନୃସିଂହନାଥ ମନ୍ଦିର ନିର୍ମିତ ହୋଇଥିବା ବିଶ୍ୱାସ କରାଯାଏ। ଯାହା ବହୁ ପ୍ରାଚୀନ ଏବଂ ଶତାବ୍ଦୀ ପୁରାତନ ବୋଲି କିମ୍ବଦନ୍ତୀରୁ ଜଣାଯାଏ। ଏହି ମନ୍ଦିରଟି ଦଶମରୁ ଏକାଦଶ ଶତାବ୍ଦୀର ମଧ୍ୟ ଭାଗରେ ନିର୍ମିତ ହୋଇଥିବା ଇତିହାସ ପୃଷ୍ଠାରେ ଲିପିବଦ୍ଧ। ବୈଶାଖ ମେଳା ମନ୍ଦିରର ମୁଖ୍ୟ ପର୍ବ ଅଟେ। ଲୋକକଥା ଅନୁଯାୟୀ ନୃସିଂହନାଥଙ୍କୁ ପୂଜା କରିବା ଦ୍ୱାରା ସମସ୍ତ ସମସ୍ୟା ଏବଂ ଦୁଃଖ ଦୂର ହୋଇଥାଏ। କାରୁକାର୍ଯ୍ୟବିହୀନ, ମାଙ୍କଡ଼ା ପଥରରେ ନିର୍ମିତ ଏହି ମନ୍ଦିରଟି ଭାରତୀୟ ପତ୍ନତତ୍ତ୍ୱ ବିଭାଗ ସଂରକ୍ଷିତ ଅବସ୍ଥାରେ ରହିଛି। ଏଠାରେ କିନ୍ତୁ କୌଣସି କାରୁକାର୍ଯ୍ୟ ଦେଖିବାକୁ ମିଳେ ନାହିଁ। ମନ୍ଦିରରେ କୌଣସି ପାର୍ଶ୍ୱ ଦେବଦେବୀଙ୍କ ପ୍ରତିମା ମଧ୍ୟ ନାହିଁ। ଚୂନପଥରରେ ନିର୍ମିତ କେତୋଟି ଗଜବିଡାଳ ଓ ନୃତ୍ୟରତ ନାୟିକାଙ୍କ ପ୍ରତିମା ଦେଖିବାକୁ ମିଳେ। ମନ୍ଦିର ସମ୍ମୁଖରେ ଏକ କୂଅ ମଧ୍ୟ ରହିଛି।

### ଏବେ କେମିତି ରହିଛି

ମନ୍ଦିରଟି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିଲେ ହେଁ ମନ୍ଦିରକୁ ଦେଖିଲେ ରକ୍ଷଣାବେକ୍ଷଣ ଅଭାବ ପରିଲକ୍ଷିତ ହୋଇଥାଏ। ଶତାବ୍ଦୀର ଏହି ପୁରାତନ ମନ୍ଦିର ବର୍ତ୍ତମାନ କ୍ଷୟ ହେବାକୁ ବସିଲାଣି। କେଉଁଠି ଗଛଲତା ମାଡି ଯାଇଛି ତ କେଉଁଠି ମନ୍ଦିରର ବିଭିନ୍ନ ପାର୍ଶ୍ୱ କ୍ଷୟ ହେବାକୁ ବସିଲାଣି। ସହରଠୁ ଟିକେ ଦୂରରେ ଥିବାରୁ ଏହା ଲୋକଲୋଚନକୁ ମଧ୍ୟ ଆସିପାରୁ ନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ମନ୍ଦିରଟି ବର୍ଷ ବର୍ଷ ଧରି ଏମିତି ପଡ଼ି ରହିଛି। ଏଥିପ୍ରତି ତୁରନ୍ତ ପଦକ୍ଷେପ ନିଆନଗଲେ ପୁରାତନ କୀର୍ତ୍ତିରାଜି ନଷ୍ଟ ହୋଇଯିବାର ସମ୍ଭାବନା ଥିବା କିଛି ଐତିହାସିକ ମତ ଦେଇଛନ୍ତି।

